ଆଞ୍ଚଳିକ

The Samaja



## ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଗୃହ କମିଟି ତୁରନ୍ତ ପ୍ରଧାନମନ୍ତ୍ରୀଙ୍କୁ ଭେଟିବ

ଭୁବନେଶ୍ୱର (ନି.ପ୍ର.)- ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଏଠାରେ ପ୍ରତିଷ୍ଠା ହେବାକୁ ଥିବା ବେଳେ ତାହାକୁ କେନ୍ଦ୍ର ସରକାର କୋଲକତାରେ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଥିବାରୁ ଆଜି ବିଧାନସଭାରେ ଉଦ୍‌ବେଗ ପ୍ରକାଶ ପାଇ ଥିଲା । ଏଥିପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ ହେବ ଓ କମିଟି ଖୁବ୍ ଶୀଘ୍ର ନୂଆଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ କରିବ ବୋଲି ଉପବାଚସ୍ପତି ପ୍ରହ୍ଲାଦ ଦୋରା ଘୋଷଣା କରିଛନ୍ତି । 'ସମାଜ'ରେ ପ୍ରକାଶିତ 'ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପାଇଁ ଛାତ୍ର ଆନ୍ଦୋଳନ ଦାନା ବାନ୍ଧୁଛି' ଶୀର୍ଷକ ସମ୍ବାଦ ଉପରେ ଆଗତ ଏକ ଧ୍ୟାନ ଆକର୍ଷକ ନୋଟିସ ଆଲୋଚନାରେ ଭାଗ ଦେଇ ବିଧାୟକ ରଘୁନାଥ ମହାନ୍ତି, ଅଶ୍ୱିନୀକୁମାର ପାତ୍ର, ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଦେବୀ ମିଶ୍ର ଓ ପ୍ରତାପ ଜେନା ପ୍ରମୁଖ କହିଲେ ଯେ କେନ୍ଦ୍ର ସରକାର ଓଡ଼ିଶା ପ୍ରତି ଘୋର ଅବିଚାର କରିଛନ୍ତି । ଓଡ଼ିଶାର ନ୍ୟାଯ୍ୟ ଦାବିକୁ ପୂରଣ ନକରି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନକୁ କୋଲକତା ଉଠାଇ ନିଆଯାଉଛି । ଓଡ଼ିଶାର ସମ୍ମାନ ରକ୍ଷା ଦୃଷ୍ଟିରୁ ଦଳମତ ନିର୍ବିଶେଷରେ ସମସ୍ତେ ଏଥିପାଇଁ ଉଦ୍ୟମ କରିବା ଦରକାର । ତେବେ ସରକାର ଏ ଦିଗରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଗୃହକୁ ଜଣାଇବା ଦରକାର । ଏ ସମ୍ପର୍କରେ ଗୃହରେ ବ୍ୟାପକ ଆଲୋଚନା ହେବା ଆବଶ୍ୟକ । ତେବେ ଏଥିପାଇଁ ଏକ ସର୍ବଦଳୀୟ କମିଟି ଗଠନ କରାଯିବା ସହିତ ଏହି କମିଟି ତୁରନ୍ତ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଭେଟିବାକୁ ସେମାନେ ପରାମର୍ଶ ଦେଇଥିଲେ । କିନ୍ତୁ କଂଗ୍ରେସ ବିଧାୟକ ଜୟଦେବ ଜେନା ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଅନ୍ୟତ୍ର ଉଠିଯାଉ ଥିବାରୁ ବିଜେପି ଓ ଏନ୍‌ଡିଏ ସରକାରଙ୍କୁ ଦାୟୀ କରିଥିଲେ । ତେବେ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ କଂଗ୍ରେସକୁ ଯେଉଁ ସହଯୋଗ ମଗାଯିବ ଆମେ ସେହି ସହଯୋଗ ଯୋଗାଇ ଦେବୁ ବୋଲି ସେ କହିଥିଲେ । ଆଲୋଚନାର ଉତ୍ତର ଦେଇ ଉଚ୍ଚଶିକ୍ଷାମନ୍ତ୍ରୀ ସମୀର ଦେ କହିଲେ ଯେ ଏନଡିଏ ସରକାର ସମୟରେ ଓଡ଼ିଶା ଅନ୍ୟ କେତେକ ରାଜ୍ୟରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ୟୁଜିସିର ଅଧ୍ୟକ୍ଷ ୨୦୦୩ ମସିହା ଜୁଲାଇ ୨୩ ତାରିଖରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଏକ ପତ୍ର ଲେଖି ଅବଗତ କରାଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏଥି ନିମନ୍ତେ ୫୦ ଏକର ଜମି ଯୋଗାଇ ଦେବାକୁ ୟୁଜିସି ଅନୁରୋଧ କରିଥିଲେ । ତେଣୁ ରାଜ୍ୟ ସରକାର ଖୋର୍ଦ୍ଧା ଜିଲ୍ଲାର ଗୋଠପାଟଣାଠାରେ ୭୫ ଏକର ସରକାରୀ ଜମି ଯୋଗାଇ ଦେଇଥିଲେ । ପରେ ବିଭାଗୀୟ ସଚିବ ଦିଲ୍ଲୀ ଯାଇ ୟୁଜିସି ସଚିବଙ୍କ ସହ ଆଲୋଚନା କରିଥିଲେ । ୨୦୦୪ ମସିହାରେ ୟୁପିଏ ସରକାର କ୍ଷମତାକୁ ଆସିବା ପରେ ଏହି ପ୍ରତିଷ୍ଠାନ ଭୁବନେଶ୍ୱରଠାରେ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବା ତ ଦୂରର କଥା ବରଂ ତାହାକୁ କୋଲକତାରେ ପ୍ରତିଷ୍ଠା କରିବାକୁ ଉଦ୍ୟମ କରୁଛନ୍ତି । ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ୩ ଥର ଚିଠି ଲେଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ଚିଠି ପାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନାହାନ୍ତି । କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ଓଡ଼ିଶା ହାଇକୋର୍ଟରେ ଏକ ଜନସ୍ୱାର୍ଥ କରାଯାଇଛି । ହାଇକୋର୍ଟ ଭୁବନେଶ୍ୱରରେ ହେବାକୁ ଥିବା ପ୍ରତିଷ୍ଠାନକୁ ଅନ୍ୟତ୍ର ନଉଠାଇବାକୁ ଏକ ଅନ୍ତରୀଣ ଆଦେଶ ପ୍ରଦାନ କରି କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଆଇଆଇଟି ଓ ଆଇଆଇଏମ୍ ଭଳି ଜାତୀୟ ବିଜ୍ଞାନ ପ୍ରତିଷ୍ଠାନ ଏକ ଅଗ୍ରଣୀ ଅନୁଷ୍ଠାନ । ବିଜ୍ଞାନର ପ୍ରସାର ପାଇଁ ଏଭଳି ଅନୁଷ୍ଠାନ ଓଡ଼ିଶାରେ ପ୍ରତିଷ୍ଠା ହେବା ନିହାତି ଆବଶ୍ୟକ । ଏହି ପରିପ୍ରେକ୍ଷୀରେ ଏକ ସର୍ବଦଳୀୟ କମିଟି ଗଠନ କରିବା ନିମନ୍ତେ ଶ୍ରୀ ଦେ ପ୍ରସ୍ତାବ ଦେଇଥିଲେ ଏବଂ ଏହି କମିଟି ତୁରନ୍ତ ପ୍ରଧାନମନ୍ତ୍ରୀ ଓ ମାନବସମ୍ବଳ ବିକାଶ ମନ୍ତ୍ରୀଙ୍କୁ ଭେଟିବା ଦରକାର ବୋଲି କହିଥିଲେ । ଉପବାଚସ୍ପତି ଶ୍ରୀ ଦୋରା କହିଲେ ଯେ ମନ୍ତ୍ରୀଙ୍କ ପ୍ରସ୍ତାବ ଅନୁଯାୟୀ ଏକ କମିଟି ଗଠନ କରାଯିବ । ତେବେ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଥିବା ରେଳବାଇ କମିଟି ଏହି ଦାୟିତ୍ୱ ନେଲେ କିଛି ଅସୁବିଧା ନାହିଁ ବୋଲି ସେ କହି





ଥିଲେ । କିନ୍ତୁ ସରକାରୀ ଦଳର ମୁଖ୍ୟ ସଚେତକ କିଶୋର ମହାନ୍ତି ଏଥିପାଇଁ ଅନ୍ୟ ସଭ୍ୟଙ୍କୁ ନେଇ ଏକ ଅଲଗା କମିଟି ଗଠନ କରିବା ଆବଶ୍ୟକ ବୋଲି କହିବାରୁ ଉପବାଚସ୍ପତି ସେଥିରେ ସମ୍ମତି ପ୍ରଦାନ କରିଥିଲେ ।



About Us Contact Us Feedback Guest Book
The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)